






ମହାବିରୋଡ ରେଞ୍ଜ୍ ଦଦରାଘାଟି ସେକ୍ସନ ଘାଗରାମୁଣ୍ଡା ବିଟ୍ ହାଉସ ଅସନବାହାଳି ଜଙ୍ଗଲ ନିକଟସ୍ଥ ଏକ ବିଲରୁ ଉଦ୍ଧାର ହୋଇଥିବା କଲରା ପତରିଆ ବାଘ। (୨) ସ୍ୱତନ୍ତ୍ର ଗାଡିରେ କଡ଼ା ସୁରକ୍ଷାରେ ନନ୍ଦନକାନନ ସ୍ଥାନାନ୍ତର କରାଯାଉଛି। (୩) ଲୋକମାନଙ୍କୁ ଅଟକାଇ ରଖିଛନ୍ତି ବନବିଭାଗ କର୍ମଚାରୀ।

# ନ୍ୟାୟ ପାଇଁ ମା', ବାପା ଏସ୍‌ପିଙ୍କ ଦ୍ୱାରସ୍ଥ

**ମୌସୁମୀ ହତ୍ୟା ମାମଲାର ୧୦ଦିନ ବିତିଲା**

- ଫେରାର ଅଭିଯୁକ୍ତ ଗିରଫ ହେଲେନି
- ଦୋଷୀଙ୍କୁ ଫାଶିଦଣ୍ଡ ଦିଆଯାଉ

ଢେଙ୍କାନାଳ,୭।୧୧(ରତନ ନାୟାର)



ମୌସୁମୀଙ୍କ ପରିବାର ସଦସ୍ୟ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ।

ଢେଙ୍କାନାଳ ସହରସ୍ଥିତ ଗାନ୍ଧୀମନ୍ଦିର ରୋଡରେ ରହୁଥିବା ଶରତ ମହାପାତ୍ରଙ୍କ ପତ୍ନୀ ମୌସୁମୀ ମଧୁସ୍ମିତାଙ୍କ ମୃତ୍ୟୁକୁ ପ୍ରାୟ ୧୦ଦିନ ବିତିଲାଣି । ମୌସୁମୀଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ସରୋଜ କୁମାର ସିଂହ (୪୮) ଢେଙ୍କାନାଳ ଟାଉନ ଥାନାରେ ତାଙ୍କ ଝିଅକୁ ସ୍ୱାମୀ ସମେତ ଶ୍ୱଶୁରଘର ଲୋକ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିବା ପରେ ଥାନାରେ କେସ ନଂ-୭୩୨।୨୦୨୪, ନୂତନ ଦଫା-୧୦୩/୩(୫-ବିଏନ୍‌ଏସ୍)ରେ ୫ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାର ୧୦ଦିନ ବିତିବା ପରେ ମଧ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ପରିବାର ସଦସ୍ୟ ପଚାରିଲେ, ତଦନ୍ତକାରୀ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଭୁଆଁ ବୁଲାଉଛନ୍ତି ବୋଲି ପରିବାର ପକ୍ଷରୁ ଅଭିଯୋଗ କରିଛନ୍ତି । ଶେଷରେ ନ୍ୟାୟ ପାଇଁ ଗୁରୁବାର ମୃତ ମୌସୁମୀଙ୍କ ପିତା ସରୋଜ କୁମାର ସିଂହ, ମାତା ବିଜୟଲକ୍ଷ୍ମୀ ସିଂହ ଓ ସାନ ଭଉଣୀ ସେଫାଳି ସିଂହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ନ୍ୟାୟ ପ୍ରଦାନ କରିବା ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ମୌସୁମୀଙ୍କ ମାତାପିତା ଓ ଭଉଣୀ କହିଲେ ଯେ, ଆମ ଝିଅକୁ ହତ୍ୟା କରିଥିବା ଅପରାଧୀଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯାଉ । ଅନ୍ୟପଟରେ ଇତିମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ମଧ ପୋଲିସର ହସ୍ତଗତ ହୋଇଛି । ରିପୋର୍ଟରେ ମୌସୁମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଦର୍ଶାଯାଇଛି ବୋଲି ପୋଲିସ ବିଭାଗର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ସେହିପରି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପୋଲିସ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଯେପରି ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇପାରିବେ ନାହିଁ, ସେଥିପାଇଁ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ଅବଗତ କରାଯାଇଛି । ମୃତ୍ୟୁ ପୂର୍ବରୁ ମୌସୁମୀଙ୍କୁ ଅଧିକାଂଶ ସମୟରେ ଶ୍ୱଶୁରଘର ଲୋକ ଚେଙ୍କ ଦେବା ସହିତ ନାନା ପ୍ରକାର ନିର୍ଯ୍ୟାତନା ଦେଉଥିଲେ ବୋଲି ପରିବାର ସଦସ୍ୟଙ୍କ ଅଭିଯୋଗରୁ ଜଣାପଡିଛି। ଏ ସମ୍ପର୍କରେ କହିବା ବେଳେ ମା', ବାପା ଓ ଭଉଣୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାନ୍ଦି ପକାଇଥିଲେ । ସେହିପରି ତଦନ୍ତକାରୀ ଅଫିସରଙ୍କ ଅବହେଳାକୁ ନେଇ ଏସ୍‌ପି ତାଙ୍କ ଉପରେ ବର୍ଷିଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡିଛି। ଏହି ହତ୍ୟା ଘଟଣାରେ ମୌସୁମୀଙ୍କ ସ୍ୱାମୀ ଶରତ ମହାପାତ୍ର, ଶ୍ୱଶୁର ହେମନ୍ତ ମହାପାତ୍ର, ଶାଶୁ ସରୋଜିନୀ ମହାପାତ୍ର, ଦିଅର ତଥା ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ଓ ସୁରଜଙ୍କ ପତ୍ନୀ ଇତିଶା ଜେନାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି । ସୁରଜ ଯେହେତୁ ଛାତ୍ର ବିଜେଡିର ଜିଲା ସଭାପତି ଅଛନ୍ତି, ସେଥିପାଇଁ ବିଜେଡିର ବରିଷ୍ଠ ନେତା ତଥା ଗତ ସରକାରର ଜଣେ ବରିଷ୍ଠ ମନ୍ତ୍ରୀ ତାଙ୍କୁ ସୁରକ୍ଷା ଦେଉଥିବା ମୌସୁମୀଙ୍କ ପିତା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ରାଜନୈତିକ ଚାପ ପକାଯାଉଥିବା ମଧ ସେ ଅଭିଯୋଗ କରନ୍ତି । ପରିବାର ସଦସ୍ୟମାନେ ଏସ୍‌ପି ଅଭିନବ ସୋନକରଙ୍କୁ ଭେଟି ସମସ୍ତ ବିଷୟ ଜଣାଇବା ସହିତ ନ୍ୟାୟ ମାଗିଥିଲେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ସେମାନଙ୍କୁ କହିଥିବା ପରିବାର ସଦସ୍ୟଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ କୁହନ୍ତି ଯେ, ଅଭିଯୁକ୍ତମାନଙ୍କୁ ଏକ ସପ୍ତାହ ମଧ୍ୟରେ ଗିରଫ କରାଯିବ । ଏଥିପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରୁଛି।

# ଆହତ ମାଈ ହାତୀକୁ କପିଳାସ ଅଣାଗଲା

**ବାମ ଗୋଡ଼ ଓ ମୁଣ୍ଡରେ ଗଭୀର କ୍ଷତ**

ଢେଙ୍କାନାଳ,୭।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ଅଞ୍ଚଳରେ ଏକ ଆହତ ମାଈ ହାତୀକୁ ବୁଧବାର ସନ୍ଧ୍ୟାରେ ଟ୍ରାଙ୍କୁଲାଇଜର କରିବା ପରେ ଗୁରୁବାର ଭୋର ୪ଟା ସମୟରେ ହାତୀଟିକୁ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଛି । ହାତୀଟିର ବାମଗୋଡ ଓ ମୁଣ୍ଡରେ ଗଭୀର କ୍ଷତ ରହିଥିଲା । ହାତୀଟି ଗତ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରେନ ଧକ୍କାରେ ଆହତ ହୋଇଥିବା କେତେକ ଅଞ୍ଚଳବାସୀ କହୁଥିବା ବେଳେ ବନବିଭାଗ ଏହାକୁ ଗୋଟିଏ ପଟରେ ଅସ୍ୱୀକାର କରୁଥିବା ବେଳେ ହାତୀଟି କିପରି ଆହତ ହେଲା ତାହା ମଧ ସ୍ପଷ୍ଟ କରିପାରୁନାହିଁ । ହାତୀଟି ଆଘାତପ୍ରାପ୍ତ ହୋଇ ଦୁଇଦିନ ଜଙ୍ଗଲରେ ବୁଲି ଗର୍ଜନ କରୁଥିବା ଦେଖି ବନବିଭାଗ ହାତୀଟିକୁ ଟ୍ରାଙ୍କୁଲାଇଜର କରିବାରେ ନାକେଦମ ହୋଇପଡିଥିଲେ। ଶେଷରେ ଏହାକୁ ଟ୍ରାଙ୍କୁଲାଇଜର କରାଯାଇ ଗୁରୁବାର ଭୋର ସମୟରେ କଡ଼ା ସୁରକ୍ଷା ମଧ୍ୟରେ ଏକ ହାଇୱା ଟ୍ରକରେ କପିଳାସ ପ୍ରାଣୀ ଉଦ୍ୟାନ ପରିସର ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ଆହତ ହାତୀକୁ ଟ୍ରାଙ୍କୁଲାଇଜର କରି ଚିକିତ୍ସା କରିବା ନିମନ୍ତେ କପିଳାସ ହାତୀ ସୁରକ୍ଷା କେନ୍ଦ୍ରକୁ ଅଣାଯାଇଛି । ସେଠାରେ ତାର ଚିକିତ୍ସା ଆରମ୍ଭ ହୋଇଛି। ହାତୀଟି ସୁସ୍ଥ ଥିବା ଜଣାପଡିଛି।

# ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ପ୍ରତିଷ୍ଠା ଦିବସ




ଭୁବନ, ୭।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜର ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ରୋଭର ଲିଡର ଅଧ୍ୟାପକ ସୁକାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରୋଭର୍ ଏବଂ ରେଞ୍ଜରମାନେ କଲେଜ ପରିସରକୁ ସଫା କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଦିବସ ପାଳନ କରାଯାଇଥିଲା। ସେଥିରେ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ସଭାପତିତ୍ୱ କରି ଛାତ୍ରୀଛାତ୍ରମାନେ କିପରି ପାଠ ପଢିବା ସହିତ ନିଜକୁ ସାହସିକତାର ପରିଚୟ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସରେ ମୋ କଲେଜ ଅଭିଯାନର ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନ ଓ ସମାଜକୁ ସୁସ୍ଥ ବାତାବରଣରେ ଅନୁପ୍ରାଣିତ କରିବା ଯୁବପିଢିମାନଙ୍କ ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ସେଥିରେ ଭୁବନ ଅଗ୍ନିଶମ ସେବା ସଂସ୍ଥାର ମୁଖ୍ୟ ଆଗ୍ନେକ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଇତିହାସ ବିଭାଗର ଅଧ୍ୟାପକ ପ୍ରଭାତ କୁମାର ଜେନା, ଶିକ୍ଷା ବିଭାଗର ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର, ଅଧ୍ୟାପକ କରୁଣାକର ରାଉଳ, ଅଧ୍ୟାପକ ହେମନ୍ତ ରାଉତ, ଅଧ୍ୟାପିକା ଧାନୀ ମୁର୍ମୁ, ବରିଷ୍ଠ କିରାଣୀ କୈଳାସ ଚନ୍ଦ୍ର ବେହେରା, ବରିଷ୍ଠ ଗ୍ରନ୍ଥାଗାରିକ ନନ୍ଦ କିଶୋର ଧିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁକାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ସେଥିରେ ସ୍ୱେଚ୍ଛାସେବୀ +୨ ପ୍ରଥମ ବର୍ଷ କଳା ଛାତ୍ର ଚନ୍ଦନ କୁମାର ମିଳିକ ଜିଲା ସୁରଭି କାର୍ଯ୍ୟକ୍ରମରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ୩ ହଜାର ଶ୍ରଦ୍ଧାଳୁ

ଅନୁଗୋଳ,୭।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ନାରଣ ସାଗର କୂଳରେ ଗୁରୁବାର ମଗଧ ଯୁବ ବିକାଶ ସମିତି ପକ୍ଷରୁ ଛଟ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଭାଜପା ନେତା ଦିଲୀପ ପ୍ରଧାନ, ଚନ୍ଦ୍ରକାନ୍ତ ଧଳ, ତାମଡ଼ାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପଟ୍ଟନାୟକ, ଉପନଗରପାଳ ଅନୁପମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମିତି ସଭାପତି ସୁମିତ କୁମାର ଓ ସମ୍ପାଦକ ସୁକାନ୍ତ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଗୋଳରେ ରହୁଥିବା ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଲୋକମାନେ ଏହି ଛଟ୍ ପୂଜାରେ ଏକତ୍ରିତ ହୋଇଥିଲେ। ଅପରାହ୍ଣରେ ଫଳ ଭୋଗ ଧରି ଶ୍ରଦ୍ଧାଳୁମାନେ ନାରଣ ସାଗରରେ ବୁଡ଼ ପକାଇବା ସହ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଉପାସନା କରିବା ପରେ ଚଉରାମୂଳେ ଷଠି ମା'ଙ୍କୁ ମଧ ପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା, ସାମାଜିକ କର୍ମୀ ପର୍ଶୁରାମ ଦାଶ ପ୍ରମୁଖ ପୂଜାସ୍ଥଳ ବୁଲିବା ସହ ଶ୍ରଦ୍ଧାଳୁଙ୍କ ସହିତ କିଛି ସମୟ ବିତାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



# ରୋଟାରୀ କ୍ଲବ୍ ପକ୍ଷରୁ କଣ୍ଟା ସଫେଇ ସେବା



ରୋଟାରୀ କ୍ଲବ୍ ପକ୍ଷରୁ କଂଟା ସଫେଇ ସେବା।

ଢେଙ୍କାନାଳ,୭।୧୧(ରତନ ନାୟାର)

ଢେଙ୍କାନାଳର ଗଣପର୍ବ ପବିତ୍ର ଗଜଲକ୍ଷ୍ମୀ ପୂଜା ସରିବା ପରେ ଢେଙ୍କାନାଳ ରୋଟାରୀ କ୍ଲବ୍ ପକ୍ଷରୁ ଗୁରୁବାର ସ୍ଥାନୀୟ ଜବାହାରଚୌକ ପୂଜା ମଣ୍ଡପଠାରୁ ଲୁହାକଣ୍ଟା ସଫେଇ ସେବା କାର୍ଯ୍ୟ ଆରମ୍ଭ ହୋଇଛିୟ। ରୋଟାରୀ କ୍ଲବ୍ ସଭାପତି ପ୍ରଫେସର ହରେକୃଷ୍ଣ କର ଓ ଜବାହାରଚୌକ ପୂଜା କମିଟିର ଅଧ୍ୟକ୍ଷ ନବୀନଚନ୍ଦ୍ର ନାରାୟଣ ଦାସ ଏହାକୁ ଶୁଭାରମ୍ଭ କରିଥିଲେ। ପୂଜାମଣ୍ଡପଗୁଡ଼ିକରେ ନିର୍ମିତ କପଡ଼ା ତୋରଣ, ସାଜସଜ୍ଜା ସମୟରେ ଅବ୍ୟବହୃତ ଲୁହାକଣ୍ଟା ଏଣେତେଣେ ପଡିବା ଯୋଗୁଁ ସାଧାରଣ ପଥଚାରୀଙ୍କ ଗୋଡ଼ରେ କ୍ଷତ ସୃଷ୍ଟି ହେବା ସହିତ ଦୁଇଚକିଆ ଓ ଚାରିଚକିଆ ମୋଟର ଗାଡ଼ି ଚକା ପଙ୍କଚର ହେବା ସହ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱତନ୍ତ୍ର ଭାବେ ଚୁମ୍ବକୀୟ ଧାତବ ନିର୍ମିତ କଣ୍ଟା ସଫେଇ ଯନ୍ତ୍ର ସାହାଯ୍ୟରେ ବାଜିଚୌକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରାଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ଗୁରୁବାର ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ଅବ୍ୟବହୃତ ଲୁହାକଣ୍ଟା ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜବାହାରଚୌକ ପୂଜା କମିଟିର ସଭାପତି ଅଶୋକ କୁମାର ସ୍ୱାଇଁ, ସଦାଶିବ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ରୋଟାରୀ କ୍ଲବ୍ ସମ୍ପାଦକ ତପନ ପାଲ୍, ରାଜେନ୍ଦ୍ର ଦାସ, ମହେଶ ପ୍ରସାଦ ଅଗ୍ରୱାଲ, ନିରଦାନନ୍ଦ ନନ୍ଦ, ଅଭିମନ୍ୟୁ ସାହୁ, ପ୍ରଦୋଷ ଶତପଥୀ ଓ ରୋଟାରିଆନ୍ ରାଜ କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଭାରତ ସ୍କାଉଟ୍ସ ଓ ଗାଇଡ୍ସର ହୀରକ ଜୟନ୍ତୀ

କାମାକ୍ଷାନଗର, ୭।୧୧
(ସୁଧୀର କୁମାର ପରିଡ଼ା)




କାମାକ୍ଷାନଗର ଉପଖଣ୍ଡ ମଠକରଗୋଳା ମହାବିଦ୍ୟାଳୟରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଶାଖା ତରଫରୁ ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟୁଷରୁ ସମସ୍ତ ରୋଭର ଓ ରେଞ୍ଜର ସ୍ଲୋଗାନ, ପ୍ଲାକାର୍ଡ ଓ ବ୍ୟାନର ଧରି ଜନ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଧ୍ୟକ୍ଷ ଦାଶ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଅଭ୍ୟୁଦୟ, କ୍ରମ ବିକାଶ ଓ ଆବଶ୍ୟକତା ଉପରେ ମତ ରଖିଥିଲେ। ରୋଭର ଲିଡର ଲଳିତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଅର୍ଚ୍ଚିତା ମହାମାନସିଂ ଦିବସର ଉପାଦେୟତା ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କାମାକ୍ଷାନଗର ଅଗ୍ନିଶମ ସେବା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଆପାଦକାଳୀନ ସତର୍କତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ରୋଭର ଲିଡର ଅଧ୍ୟାପକ ପ୍ରବିର କୁମାର ବିଶାଳ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନରେ ସ୍କାଉଟ୍ସ ଓ ଗାଇଡ୍ସର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ସୁଦେଷ୍ଣା ସାହୁ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ କପ୍ ପ୍ରଦାନ କରାଯାଇଥିଲା। ଲଳିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ଅଗ୍ନିଶମ ସେବା ଅଧିକାରୀ ଓ ସହଯୋଗୀମାନଙ୍କ ଦ୍ୱାରା ବିପର୍ଯ୍ୟୟରୁ ରକ୍ଷା ପାଇବା ନିମନ୍ତେ ବିଭିନ୍ନ କୌଶଳମାନ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବାର୍‌ହା ପାଇଁ ଗଛ ଉପରେ ମଞ୍ଚା

ପରଜଙ୍ଗ, ୭।୧୧
(ନିଗମାନନ୍ଦ ଦଳବେହେରା)



**ପାଚିଲା ଧାନ କ୍ଷେତ ଜଗୁଛନ୍ତି ଚାଷୀ**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧିନସ୍ଥ ବାରବାଙ୍କ ସଂରକ୍ଷିତ ଜଙ୍ଗଲର ପଶ୍ଚିମ ଦିଗରେ ଥିବା ପରଜଙ୍ଗ ପଞ୍ଚାୟତର ଚାଷ ଜମିରେ ବର୍ତ୍ତମାନ ବାର୍‌ହାମାନଙ୍କ ଉପଦ୍ରବ ଚାଷୀଙ୍କ ନିଦ ହଜାଇଦେଇଛି। କିଛିଦିନ ହେଲା ବିଳମ୍ବିତ ରାତିରେ ବାରବାଙ୍କ ସଂରକ୍ଷିତ ଜଙ୍ଗଲରୁ ବାରହା ପଲ ଆସି ଲେମ୍ବୁର, ଛଞ୍ଚାଣିଆ ଓ ଘାଟପଶି ଅଞ୍ଚଳରେ ଦରପାଚିଲା ଧାନ ଖାଇ ନଷ୍ଟ କରିଦେଉଛନ୍ତି। ଏଥିସହ ହଳଦୀ, ସାରୁ, ଉଲୁଅ, ଖୁମ୍ବଆଳୁ ଆଦି ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ତେଣୁ ଧାନ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀ ଗଛ ଉପରେ ମଞ୍ଚାବାନ୍ଧି ଜଗିରହିଛନ୍ତି। ବାରହା କବଳରୁ ଫସଲ ସୁରକ୍ଷା ପାଇଁ ବନ ବିଭାଗ ଠୋସ୍ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ସେହିପରି ଗଣ୍ଡତଇଲା ସାହିର ଦିନବନ୍ଧୁ ଖଟୁଆଙ୍କ ପୁଅ ଚନ୍ଦନ ଦିନରାତି ଗଣ୍ଡତଇଲା ସାହି ନିକଟରେ ଥିବା ଚାଷ ଜମି ଜଗିବାକୁ ଏକ ଗଛ ଉପରେ ମଞ୍ଚା କରି ବସିରହୁଥିବା ଦେଖିବାକୁ ମିଳିଛି। ଡିହଡୋଳ ଫରେଷ୍ଟର ବିଶ୍ୱନାଥ ସୋରେନ କହିଛନ୍ତି, ଖୁବଶୀଘ୍ର ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ଶିକାରୀଙ୍କୁ ଧରିବାକୁ ଚେଷ୍ଟା କରାଯିବ। ବାର୍‌ହା କ୍ଷୟକ୍ଷତି କରୁଥିବା ଚାଷୀ ଆବେଦନ କଲେ ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ।

